# Akashvani, Sambalpur

## SAMBALPURI NEWS EVENING BULLETIN

## 26 May 2026-7.02- 7.12 pm.

---

୧- ପୁରୀ ଠାନେ ଆଏବା ମାସ ହେବା ବ୍ରିକ୍ସ ରାଷ୍ଟ୍ରୀୟ ସମୂହର୍ ବୈଷୟିକ୍ ସମ୍ମଳନୀ ।

୨- ରାଏଜେ ଆଏବା ୩୦ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବା ଏସ୍‌ଆଇଆର୍ କାର୍ଯ୍ୟକ୍ରମ୍‌ର ସୁପରିଚାଳନା ଲାଗି ହେଲା ପ୍ରସ୍ତୁତି ବୈଠକ୍ ।

୩- କଳାହାଣ୍ଡି ଜିଲ୍ଲାର୍ ଗୌଡ଼କର୍ଲାଖୁଂଟା ଗାଁ ନ ଶ୍ୱାସରୁଦ୍ଧ ହେଇକରି ୬ ଝନ୍‌କର୍ ଗଲା ଜୀବନ୍ ।

- ମୁଖ୍ୟମନ୍ତ୍ରୀ ଶୋକପ୍ରକାଶ୍ କର୍‌ବାର୍ ସହେତେ ଘୋଷ୍‌ନା କଲେ ଆର୍ଥିକ୍ ସାହାଜ୍ ।

ଆଉର୍

୪- ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ଆଏଜ୍ ପାଲନ୍ କରୁଛେ ତାର୍ ପ୍ରତିଷ୍ଠା ଦିବସ୍ ।

ବ୍ରିକ୍ସ ସମ୍ମିଳନୀ      ପୁରୀ ସମ୍ବାଦଦାତା

ଭାରତ୍‌ର ଅଧ୍ୟକ୍ଷତାଥି ବ୍ରିକ୍ସ ରାଷ୍ଟ୍ର ସମୂହର୍ 'ବିପର୍ଯ୍ୟୟ ବିପଦ୍ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀ' ର ବୈଷୟିକ୍ ସମ୍ମିଳନୀ ଆଏବା ଜୁନ୍ ୩ ନୁ ୫ ତାରିଖ୍‌ତକ୍ ପୁରୀ ନ ହେବା । ସମ୍ମିଳନୀଥି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରମାନ୍‌କର୍ ପ୍ରତିନିଧି ଆଉ ବିଶେଷଜ୍ଞମାନେ ଯୋଗ୍ ଦେଇକରି ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧୀ କ୍ଷମତା ବଢ଼ାବାର୍ ଆଉ ଅନ୍ତର୍ଜାତୀୟ ସହଯୋଗ୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗଥି ଆଲୋଚନା କର୍‌ବେ । ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ଋଷିଆ, ସାଉଦି ଆରବ୍, ଦକ୍ଷିଣ୍ ଆଫ୍ରିକା, ୟୁଏଇ ଆଉ ଚୀନ୍‌ର ପ୍ରତିନିଧିମାନେ ସମ୍ମିଳନୀଥି ଯୋଗ୍ ଦେବେ । ବାତ୍ୟା ପରିଚାଳନା, ଗୋଷ୍ଠୀଭିତିକ ପୂର୍ବ ସଚେତନତା ବ୍ୟବସ୍ଥା ଆଉ ସଫଲ୍ ଉଦ୍ଧାର୍ ଆଉ ସ୍ଥାନାନ୍ତର୍ କୌଶଲ୍ ଲାଗି ଓଡ଼ିଶା ଅନ୍ତର୍ଜାତୀୟ ସ୍ତର୍ ନ ପ୍ରଶଂସିତ୍ ହେଇଆସିଛେ । ବିପର୍ଯ୍ୟୟ ପ୍ରସ୍ତୁତି ଆଉ ପରିଚାଳନା କ୍ଷେତ୍ରଥି ରାଜ୍ୟ ସଫଲତା ଆଉ ବର୍‌କସ୍ ପଦକ୍ଷେପ୍ ଲାଗି ଓଡ଼ିଶାକେ ଇ ଜରୁରୀ ବୈଷୟିକ ବୈଠକ୍‌ର ଆୟୋଜକ୍ ଭାବେ ବଛାଯାଇଛେ । ଇ ବୈଷୟିକ୍ ସମ୍ମିଳନୀ ଜରିଏ ବ୍ରିକ୍ସ ଦେଶ୍ ମାନ୍‌କର୍ ଭିତ୍‌ରେ ବପର୍ଯ୍ୟୟ

ପରିଚାଳନା ବାବଦ୍ ଜ୍ଞାନ୍ ଦିଆନିଆ, ନୂଆଁ ପ୍ରଯୁକ୍ତି ଆଉ ସମନ୍ୱିତ୍ କାମ୍ ବଦ୍ଧତି ଉପ୍‌ରେ ଆଲୋଚନା ହେବାର୍ ସହେତେ ପାରସ୍ପରିକ୍ ସହଯୋଗ୍ ଆହୁରି ବର୍‌କସ୍ ହେବା ବଲି ଆଶ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ନୀତିନ୍ ନବୀନ୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ନୀତିନ୍ ନବୀନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀ ନ ସୌଜନ୍ୟମୂଲକ୍ ସାକ୍ଷାତ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଏଜେ ଦଲ୍‌ର ସଂଗଠନ୍ ଆଉ ସର୍ବାଙ୍ଗିନ୍ ବିକାଶ୍ ବାବ୍‌ଦେ ଶ୍ରୀ ନବୀନ୍‌ଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ନିରନ୍ତର୍ ସହଯୋଗ୍‌ଥି ରାଏଜେ ବିକାଶ୍ ପ୍ରକ୍ରିୟା ଜାରି ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମନ୍ତ୍ରୀମଣ୍ଡଲ୍ ସମ୍ପ୍ରସାରଣ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ଦିନେ ମନ୍ତ୍ରୀମଣ୍ଡଲ୍‌ର ସମ୍ପ୍ରସାରଣ୍ ହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ନିଗମ୍ ବୋର୍ଡ଼ ନିଯୁକ୍ତି ପ୍ରକ୍ରିୟା ମୁଲ୍ ହେଇଛେ । ଇ ଭିତ୍‌ରେ ଦଲ୍ ଆଉ ସର୍‌କାର୍ ଚୟନ୍ ପ୍ରକ୍ରିୟା ମୁଲ୍ କରି ସାରିଛନ୍ । ଖୋବ୍ ଜଲ୍‌ଦି ଇଟା ଶେଷ୍ ହେବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍...

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଏସ୍‌ଆଇଆର୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଆଏବା ୩୦ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବା ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ କାର୍ଯ୍ୟକ୍ରମ୍ ର ସୁପରିଚାଳନାକେ ନେଇକରି ଗୁଟେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍‌ଙ୍କର୍ ଅଧ୍ୟକ୍ଷତାଥି ଆଭାସୀ ଜରିଏ ହେଇଥିବା ବୈଠକ୍‌ଥି ସବୁ ଜିଲ୍ଲାର୍ ନୋଡ଼ାଲ୍ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଲ୍ ଆଉ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀମାନେ ଯୋଗ୍ ଦେଇଥିଲେ । ନୂଆଁ ଭୋଟର୍ ପଞ୍ଜିକରଣ୍, ଭୁଲ୍ ସଂଶୋଧନ୍ ଆଉ ସ୍ଥାନାନ୍ତରଣ୍

ପ୍ରକ୍ରିୟାକେ ସରଳ ଆଉ ତ୍ରୁଟିଶୂନ୍ୟ କର୍‌ବାର୍‌କେ ବୈଠକ୍‌ଥି ନିର୍ଦ୍ଦେଶ୍ ଦିଆଯାଇଛେ । କେନ୍‌ସି ଭିଲ୍ ଯୋଗ୍ୟ ଭୋଟର୍ ଯେନ୍ତା ବାଦ୍ ନାଇଁ ପଡ଼ନ୍ ସେଥିର୍‌ଲାଗି ଧ୍ୟାନ୍ ଦେବାର୍‌କେ କୁହାଯାଇଛେ । ବିଏଲ୍‌ଓ ମାନେ ଘର୍ ଘର୍ ବୁଲିକରି ସର୍ଭେ କର୍‌ବେ । ଭୋଟର୍ ତାଲିକା ପ୍ରସ୍ତୁତି ଲାଗି ଥିବା ସବୁ ଗଣନା ଫର୍ମକେ ସ୍ଥାନୀୟ ଓଡ଼ିଆଥି ଉପଲବ୍ଧ କରାଯିବା । ଇତାର୍ ସହେତେ ଲୁକ୍‌କର୍ ସହାୟତା ଲାଗି ୧୯୫୦ ଟୋଲ୍‌ଫ୍ରି ନିର୍ବାଚନ୍ ହେଲ୍ପଲାଇନ୍ ନମ୍ବର୍ ଭିଲ୍ ବ୍ୟାପକ୍ ଭାବେ ପ୍ରଚାର୍ କରାଯିବା ।

ପଂଚାୟତିରାଜ୍ ମନ୍ତ୍ରୀ- ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ନୂଆପଡ଼ା ଜିଲ୍ଲା ଗସ୍ତଥି ଆସିକରି ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍‌ଦେଇଛନ୍ । ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ସଭାଗୃହ ନ ହେଇଥିବା ବୈଠକ୍‌ଥି ଯୋଗ୍ ଦେଇକରି ଭିତିଭୂମିର୍ ବିକାଶ୍ ସାଙ୍ଗେ ସର୍‌କାର୍‌ଙ୍କର୍ ଜନକଲ୍ୟାଣ୍‌କାରୀ ଯୋଜନା ମାନ୍‌କୁ ଲୁକ୍‌କର୍ ପାଖେ ପହଁଚାବାର୍‌କେ ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଜିଲ୍ଲାନୁ ପିଇବାର୍ ପାନିର୍ ସମସ୍ୟାଥି ସୁଧାର୍ ଆସିଥିବା ବାବ୍‌ଦେ କହିକରି ଆଗ୍‌କେ ପାନୀୟ ଜଳ ପ୍ରକଳ୍ପର୍ ଭିତିଭୂମିର୍ ବିକାଶ୍ କର୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ, ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ଆଉ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨

ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଶ୍ୱାସରୁଦ୍ଧ- ୬ ମୃତ ଭୁବ୍‌ନେଶ୍ୱର/ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ମଦନ୍‌ପୁର୍ ରାମ୍‌ପୁର୍ ଥାନା ଅଧୀନ୍‌ଥି ଥିବା ଗୌଡ଼କର୍ଲାଖୁଂଟା ଗାଁ ନ ତିଆର୍ ଚାଲିଥିବା ପାଇଖାନା ଟାଙ୍କିଥି ଶ୍ୱାସରୁଦ୍ଧ ହେଇକରି ୬ ଝନ୍‌କର୍ ଜୀବନ୍ ଯାଇଛେ । ପୁଲିସ୍‌ର ସୂଚ୍‌ନା ଅନ୍‌ସାରେ ଶ୍ରମିକ୍‌ମାନେ ଗୁଟେ ସେପ୍ଟିକ୍ ପାଇଖିନା ଟାଙ୍କି ନ କାମ୍ କରୁଥିବାର୍ ବେଲେ ଝନେ ମିସ୍ତ୍ରୀ ଶ୍ୱାସରୁଦ୍ଧ ହେଇଯାଇଥିଲା । ତାଙ୍କୁ ଉଦ୍ଧାର୍ କର୍‌ବାର୍‌କେ ଯାଇକରି ଅଲ୍‌ଗା ଶ୍ରମିକ୍, ଘର୍‌ମାଲିକ୍ ଆଉ ତାଙ୍କର୍ ପୁଓ ଟାଙ୍କି ଭିତର୍‌କେ ଯାଇକରି ଶ୍ୱାସରୁଦ୍ଧ ହେଇପଡ଼ିଥିଲେ । ସମ୍‌କୁ ପାଖର୍ ଡାକ୍ତର୍‌ଖାନା ନ ଭର୍ତି କରାଯାଇଥିଲେ ଭିଲ୍ ଡାକ୍ତର୍ ସେମାନ୍‌କୁ ମୃତ ଘୋଷ୍‌ନା କରିଥିଲେ । ଗୁରୁତର୍ ଥିବା ଆଉ ଝନେ ଶ୍ରମିକ୍ ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ନ ଚିକିତ୍ସିତ୍ ହେଉଛନ୍ । ସ୍ଥାନୀୟ ପୁଲିସ୍ ଘଟ୍‌ନାର୍ ଅନୁସନ୍ଧାନ୍ ଜାରି ରଖିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘଟ୍‌ନାଥି

ଗଭୀର ଦୁଖ ପ୍ରକାଶ୍ କର୍‌ବାର୍ ସହେତେ ମୃତକ୍‌ମାନ୍‌କର୍ ପରିବାର୍ ଲୁକ୍‌କର୍ ଲାଗି ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପାମୂଲକ୍ ସାହାଜ୍ ଘୋଷ୍‌ନା କରିଛନ୍ ।

ଶ୍ରୀ ଗୁଣ୍ଡିଚା ମନ୍ଦିର୍ ସୌନ୍ଦର୍ଯ୍ୟୀକରଣ୍ ପୁରୀ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକେ ଅଏତ୍‌କା ସୁନ୍ଦର୍ କର୍‌ବାର୍ ଲାଗି ଶ୍ରୀ ଗୁଣ୍ଡିଚା ମନ୍ଦିର୍ ନ ସୌନ୍ଦର୍ଯ୍ୟୀକରଣ୍ କାମ୍ ଚାଲିଛେ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଆଏଜ୍ ମନ୍ଦିର୍ ଚାର୍‌ହିଆଡ଼େ ଚାଲିଥିବା ଉନ୍ନତିକରଣ୍ ଆଉ ଭିତର୍‌ଫାଲର୍ କାମ୍‌ର ଅନୁଧ୍ୟାନ୍ କରିଛନ୍ । ଆଏବା ରଥଯାତ୍ରା ଉତ୍‌ରୁ ଗୁଣ୍ଡିଚା ମନ୍ଦିର୍‌କେ ସର୍ବସାଧାରଣ୍ ଦର୍ଶନ୍ ଲାଗି ଖୁଲାଯିବା ବଲି ଶ୍ରୀ ପାଢ଼ୀ କହିଛନ୍ ।

ଯୁକ୍ତ ଦୁଇ ପୁନଃ ମୂଲ୍ୟାୟନ ଆବେଦନ୍ ହି.ସ.

ରାଏଜେ ଯୁକ୍ତ ଦୁଇ ପୁନଃ ମୂଲ୍ୟାୟନ ଆବେଦନ୍ ପ୍ରକ୍ରିୟା ଆଏବା ୧ ତାରିଖ୍‌ନୁ ମୁଲ୍ ହେବା । ଯୁକ୍ତ ଦୁଇ ବିଜ୍ଞାନ୍, ବାଣିଜ୍ୟ,

କଳା ଆଉ ଧନ୍ଦାମୂଳକ୍ ପାଠ୍ୟକ୍ରମ୍‌ର ପୁନଃ ମୂଲ୍ୟାୟନ ପ୍ରକ୍ରିୟା ଲାଗି ଛାତ୍ରଛାତ୍ରୀମାନେ ଆଏବା ଜୁନ୍ ୧୨ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ଫି' ପେପର୍ ଲାଗି ୨ ଶହ ଟଙ୍କା ଦେୟ ଦେବାର୍‌କେ ପଡ଼୍‌ବା । ପୁନଃ ମୂଲ୍ୟାୟନ୍ ଉତ୍‌ରୁ ଡାଉନ୍‌ଲୋଡ୍ ଲିଙ୍କ୍ ଆଏବା ମାସ ୧୯ ନୁ ୨୩ ତାରିଖ୍ ଭିତ୍‌ରେ ମହାବିଦ୍ୟାଳୟ ଅଧକ୍ଷଙ୍କର୍ ପାଖ୍‌କେ ଇ-ମେଲ୍ ଜରିଏ ପଠାଯିବା । ମାର୍କଥ୍ ଭୁଲ୍ ଥିଲେ । ଜୁନ୍ ୩୦ ତାରିଖ୍‌ତକ୍ ଅଭିଯୋଗ୍ ଦାଖଲ୍ କର୍‌ବାର୍‌କେ ପଡ଼୍‌ବା ବଲି ମାଧମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆକାଶବାଣୀ ୯୦ ବଛର୍ ପୂର୍ତି ଆର୍‌ଏନ୍‌ୟୁ/ କଟକ୍

ଆକାଶ୍‌ବାଣୀର୍ ୯୦ ବଛର୍ ପୂର୍ତି ଅବ୍‌ସରେ କଟକ୍ ଆକାଶ୍‌ବାଣୀ କେନ୍ଦ୍ର ତର୍‌ଫୁ ଆଏଜ୍ ଗୁଟେ ପଦଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ପଦଯାତ୍ରା କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନୁ ବାହାରିକରି ସହରର୍ ଭିନ୍ ଭିନ୍ ଜାଗା ବୁଲିକରି କେନ୍ଦ୍ର ନ ପୁହୁଁଚିଥିଲା । କାର୍ଯ୍ୟକ୍ରମ୍‌ଥ ଓଡ଼ିଶା ହାଇକୋର୍ଟର୍ ବିଚାର୍‌ପତି ଜଷ୍ଟିସ୍ ସାବିତ୍ରୀ ରଥୋ ଆଉ ଜଷ୍ଟିସ୍

ଶିବୋ ଶଙ୍କର୍ ମିଶ୍ର ଯୋଗ୍ ଦେଇକରି ଗଲା ୪୦ ବଛର୍ ହେଲା ଆକାଶ୍‌ବାଣୀର୍ ଶ୍ରୋତା ଭାବେ ଜଡ଼ିତ୍ ହେଇକରି ରହିଛନ୍ ବଲି କହିଛନ୍ । ଇ ଅବ୍‌ସରେ ଆକାଶ୍‌ବାଣୀ ତର୍‌ଫୁ ଆୟୋଜିତ ପଦଯାତ୍ରାଥି ଯୋଗ୍ ଦେଇଥିବା ସମ୍‌କୁ ଜଷ୍ଟିସ୍ ମିଶ୍ର ଶୁଭେଚ୍ଛା ଜନେଇଥିଲେ । କଟକ୍ ମହାନଗର୍ ନିଗମ୍‌ର ଆୟୁକ୍ତ କିରନ୍‌ଦୀପ୍ କୌର୍ ସହୋଟା ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌କେ ଦୁହି ବିଚାର୍‌ପତି ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମଥି ପାଖାପାଖି ୪ ଶହ ଝନ୍ ଭାଗ୍ ନେଇଥିଲେ ।

ଆକାଶ୍‌ବାଣୀ ପ୍ରତିଷ୍ଠା ଦିବସ୍   ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ଆଏଜ୍ ତାର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ୧୯୬୩ ମସିହାଥି ଆଝିର୍ ଦିନେ ସମ୍ବଲପୁର ଆକାଶ୍‌ବାଣୀ କେନ୍ଦ୍ର ଥାପ୍‌ନା ହେଇଥିଲା । ୨୦ କିଲୋୱାଟ୍ ଟ୍ରାନ୍ସମିଟର୍ ପ୍ରସାରଣ୍‌ନୁ ମୁଲ୍ ହେଇଥିବା ଇ କେନ୍ଦ୍ର ଏଛେନ୍ ଶହେ କିଲୋୱାଟ୍ କ୍ଷମତାର୍ ଡିଜିଟାଲ୍ ପ୍ରସାରଣ୍ କରୁଛେ । ଇତାର୍‌ସଙ୍ଗେ କେନ୍ଦ୍ରନୁ ଏଫ୍.ଏମ୍. ମହାନଦୀ ଆର୍ ସ ମ୍ବଲ୍‌ପୁରୀ ଆଂଚଲିକ୍

ସମ୍ବାଦ୍ ସାଙ୍ଗେ ଫି’ ଘଂଟାର୍ ମୁଖିଆ ଖବର୍ ପ୍ରସାରଣ୍ ଲାଗି ଲୋକ୍‌ମାନେ ତାଁକର୍ ନିଜର୍ ଭାଷାଥି ଦେଶ୍, ବିଦେଶ୍ ସହେତେ ନିଜର୍ ଅଂଚଲ୍‌ର ଖବର୍ ପାଇପାରୁଛନ୍ ।

ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତରଫୁ ଆଏଜ୍ ଥାପ୍‌ନା ଦିବସ୍ ପାଲନ୍ ଅବ୍‌ସରେ କାର୍ଯ୍ୟକ୍ରମ୍ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ । ଇ କେନ୍ଦ୍ର ପଶ୍ଚିମ ଓଡ଼ିଶାର୍ କଳା, ସାହିତ୍ୟ ଆଉ ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ଦିଗେ ବଡ୍‌ତି ଭୂମିକା ନେଇକରି ଶ୍ରୋତାମାନ୍‌କର୍ ମନ୍ ଜିତି ପାରିଛେ ବଲି କହିଥିଲେ । କାର୍ଯ୍ୟକ୍ରମ୍‌କେ ରିକ୍ରିଏସନ୍ କ୍ଲବ୍‌ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ସଂଚାଲନ୍ କରିଥିଲେ । ଇଥି କାର୍ଯ୍ୟାଳୟର୍ ଅଧିକାରୀ ଆର୍ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

ଜିଲ୍ଲା ଜଳ ଆଉ ପରିମଳ ମିଶନ୍‌ର ସମୀକ୍ଷା/ଝାରସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଜିଲ୍ଲା ଜଳ ଆଉ ପରିମଳ ମିଶନ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ଖରାଦିନେ ପାନିର୍

ସମସ୍ୟା ଦୂର୍ କରିକରି ସବୁ ନାଗରିକ୍‌ମାନ୍‌କର୍ ପାଖେ ସଫା ପିଇବାର୍ ପାଏନ୍ ପୁହୁଁଚାବାର୍ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଛେ । ଜିଲ୍ଲାର୍ ସବୁ ନଲ୍‌କୂଅାଁ ସୌର ପମ୍ପ୍ ଆଉ ପାଏନ୍ ପ୍ରକଳ୍ପକେ ପୁରାପୁରି କାର୍ଯ୍ୟକ୍ଷମ୍ କର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ସ୍କୁଲ୍, ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କେ ଟେପ୍‌ଥି ପାଏନ୍ ଯୁଗାବାର୍ ଆଉ ବସୁଧା ହେଲ୍ପ ଲାଇନ୍‌ଥି ଆସୁଥିବା ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଲାଗି କୁହାଯାଇଛେ ।

ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି          ଝାରସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ନ ଆଏଜ୍ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ୨୦୨୫-୨୬ ଆର୍ଥିକ୍ ବଛର୍‌ର ଯୋଜ୍‌ନା ଆଉ ସଫଲତାର୍ ସମୀକ୍ଷା ସହେତେ ୨୦୨୬-୨୭ ବଛର୍ ଲାଗି ବାର୍ଷିକ୍ କାର୍ଯ୍ୟଖସଡ଼ାକେ ଅନୁମୋଦନ୍ ମିଲିଛେ ।

ମାଗଣା ଆଇନ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲା କାରାଗାର୍ ପରିସର୍ ନ ମୁଲାକାତ୍ ଆଇନ୍ ସହାୟତା କେନ୍ଦ୍ର ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ନବନିତା ଦାସ ମାହାଲିଆ ଆଇନ୍ ସେବା ବାବ୍‌ଦେ ଲୁକ୍‌କୁ ଜନେଇଥିଲେ । ଇ କେନ୍ଦ୍ରକେ ଆସିକରି କାର୍ଯ୍ୟରତ ସର୍‌କାରୀ ଓକିଲ୍ ଆଉ ଅଧିକାର୍ ମିତ୍ର ମାନ୍‌କର୍‌ନୁ ମାହାଲିଆ ଆଇନ୍ ପରାମର୍ଶ ନେବାର୍ ଲାଗି କଏଦୀ ମାନ୍‌କର୍ ପରିବାର୍ ବର୍ଗ ଆଉ ଆତ୍ମୀୟମାନ୍‌କୁ ଶ୍ରୀମତୀ ଦାସ ଆହ୍ୱାନ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ଲାଗି ରହିଥିବାର୍ ବେଲେ ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇଯାଇଛେ । କେନ୍ଦୁଝର୍ ଜିଲ୍ଲା ବାଂଶପାଳ ନ ରାଜ୍ୟର୍ ସବୁନୁ ଜହ ୨୬ ଦଶ୍‌ମିକ୍ ୨ ମିଲିମିଟର୍ ବର୍ଷା ରେକର୍ଡ଼ ହେଇଥିବାର୍ ବେଲେ ସୁନ୍ଦର୍‌ଗଡ଼୍ ଜିଲ୍ଲା ଟେନ୍‌ସା ନ ୧୪ ଦଶ୍‌ମିକ୍

୮ ମିଲିମିଟର୍ ବର୍ଷା ହେଇଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସେଆଡ଼େ ଆଏବା ୩ ଦିନ୍‌ତକ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାକେ ଜବର୍ ଗ୍ରୀଷ୍ମପ୍ରବାହ ଲାଗି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।